# Akashvani, Sambalpur

## SAMBALPURI NEWS EVENING BULLETIN

**2 July 2024- 7.02 pm- 7.12 pm.**

*********************************************

୧- ଦେଶେ ଆଏବା ଦିନେ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍ ପ୍ରତିଷ୍ଠା କର୍‌ବାର୍ ଲାଗି ନିଆଯାଉଛେ ପଦକ୍ଷେପ୍ - କହେଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ଶ୍ରୀକ୍ଷେତ୍ର ପୁରୀ ନ ବସ୍‌ଲା ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକ୍ ।

- ଶାନ୍ତିଶୃଙ୍ଖଲାଥି ରଥଯାତ୍ରା ସାର୍‌ବାର୍ ଲାଗି ସମ୍‌କର୍ ସହଯୋଗ୍ କାମନା କଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୩- ଜାତୀୟ ଶିକ୍ଷକ୍ ପୁରସ୍କାର୍-୨୦୨୪ ଲାଗି ମୁଲ୍ ହେଲା ଅନ୍‌ଲାଇନ୍ ଆବେଦନ୍ ପ୍ରକ୍ରିୟା ।

ଆଉର୍

୪- ରାଏଜେ ସ୍କୁଲ୍ ବନ୍ଦ୍ ନିଷ୍ପତିର୍ ଫେର୍‌ଘାଏ ସମୀକ୍ଷା କରାଯିବା - କହେଲେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।

ପ୍ରଧାନ୍‌ମନ୍ତ୍ରୀ-ଧନ୍ୟବାଦ ପ୍ରସ୍ତାବ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଲୋକ୍‌ସଭା ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ଅଭିଭାଷଣ୍ ଉପ୍‌ରେ ଧନ୍ୟବାଦ୍ ପ୍ରସ୍ତାବ୍ ଆଲୋଚନାଥି ଉତର୍ ରଖିଛନ୍ । ସେ କହିଛନ୍ ଯେ, ଆଏବା ଦିନେ ଦେଶେ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍ ପ୍ରତିଷ୍ଠା କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ । ସେ କହିଛନ୍ ଯେ, ଦେଶର୍ ସୁରକ୍ଷାକେ ସବୁବେଲେ ପ୍ରାଥମିକତା ଦିଆଯାଉଛେ । ଇଥିର୍‌ଲାଗି ଭାରତୀୟ ସେନାବାହିନୀର୍ ଆଧୁନିକୀକରଣ୍ କରାଯାଉଛେ । ଆମର୍ ଦେଶର୍ ସେନାବାହିନୀ ଦକ୍ଷ ଆର୍ ଆତ୍ମନିର୍ଭର୍ ହେବାର୍ ଦର୍‌କାର୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ- ରଥ୍‌ଯାତ୍ରା ସମୀକ୍ଷା ବୈଠକ୍ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ପୁରୀ ଟାଉନ୍‌ହଲ୍ ଠାନେ ରଥଯାତ୍ରା ପ୍ରସ୍ତୁତି ବାବ୍‌ଦେ ଗୁଟେ ସ୍ୱତନ୍ତ୍ର ସମୀକ୍ଷା ବୈଠକ୍ ହେଇଯାଇଛେ । ରଥଯାତ୍ରା ଆଘୋନୁ ରାସ୍ତାଘାଟ୍ ମରାମତି ସହେତେ ପିଇବାର୍ ପାଏନ୍, ପରିମଳ, ଗାଡ଼ିମଟର୍ ଯା’ଆସ୍, ଭିଡ୍‌କେ ଆଏତ୍ କର୍‌ବାର୍,

ଆଇନ୍‌ଶୃଙ୍ଖଳା ଆର୍ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବାବ୍‌ଦେ ସମୀକ୍ଷା ହେଇଛେ । ରଥ୍‌ଯାତ୍ରା ଶାନ୍ତିଶୃଙ୍ଖଳାଥି  ସାର୍‌ବାର୍‌କେ ବୈଠକ୍ ନ ଆଲୋଚନା ହେଇଥିଲା । ବିଭାଗୀୟ ଅଧିକାରୀମାନେ ସେମାନ୍‌କର୍ ବିଭାଗ୍ ତର୍‌ଫୁ ନିଆଯାଇଥିବା ପ୍ରସ୍ତୁତି ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କୁ ଜନେଇଥିଲେ । ଚଲ୍‌ତି ବଛର୍ ୨ ଦିନ୍ ରଥ୍‌ଯାତ୍ରା ହେବାର୍‌କେ ଯାଉଥିବାର୍‌ନୁ ଆଏବା ୮ ତାରିଖ୍‌କେ ଛୁଟି ଘୋଷ୍‌ନା କର୍‌ବାର୍‌କେ ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ଇତାକେ ନେଇକରି ବିଜ୍ଞପ୍ତି ଜାରି କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ବଛ୍‌ରର୍ ବିରଳ ରଥଯାତ୍ରା ରାଜ୍ୟ ସର୍‌କାର୍‌ଙ୍କର୍ ଲାଗି ଆଶିର୍ବାଦ୍ ବଲି କହେବାର୍ ସହେତେ ମୁଖ୍ୟମନ୍ତ୍ରୀ ଲୁକ୍‌କର୍ ସହଯୋଗ୍ କାମନା କରିଛନ୍ । ସୁରକ୍ଷା ଲାଗି ଶହେ ୮୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯିବା ବଲି ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ସେନ୍ତା ରଥ୍‌ଯାତ୍ରା ସମିଆଥି ରାଷ୍ଟ୍ରପତିଙ୍କର୍ ନଜର୍‌ଥି ରଖିକରି ସୁରକ୍ଷା ବ୍ୟବେସ୍ଥା ବାବ୍‌ଦେ ଭିଲ୍ ବୈଠକ୍‌ଥି ଆଲୋଚନା ହେଇଥିଲା । ଇ ବୈଠକ୍‌ଥି ଦୁହି ଉପମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଆଇନ୍ ଆଉ ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ଶାସନ୍ ସଚିବ, ସ୍ଥାନୀୟ ବିଧାୟକ୍, ସେବାୟତ ପ୍ରତିନିଧି ଆର୍ ଉଞ୍ଚା ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଷ୍ଟ୍ରପତି -ଓଡ଼ିଶା ଗସ୍ତ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୬ ତାରିଖ୍‌ନୁ ୯ ତାରିଖ୍‌ତକ୍ ଓଡ଼ିଶା ଗସ୍ତଥି ଆସ୍‌ବେ । ଇ ଅବ୍‌ସରେ ସେ ଭୁବ୍‌ନେଶ୍ୱର୍, ପୁରୀ ଆର୍ ଖୋର୍ଦ୍ଧା ଇଲାକା ଗସ୍ତ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ସୁରକ୍ଷାକେ ନଜର୍‌ଥି ରଖିକରି ରାଷ୍ଟ୍ରପତିଙ୍କର୍ ଗସ୍ତ ଆର୍ ରହଣୀ ଇଲାକାକେ ନୋ-ଫ୍ଲାଇଙ୍ଗ୍ ଜୋନ୍ ଭାବେ ଘୋଷ୍‌ନା କରାଯାଇଛେ ବଲି ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶାଳୟ ତର୍‌ଫୁ ସୂଚ୍‌ନା ମିଳିଛେ । ହେଥିର୍‌ଲାଗି ସବୁ ଗଣମାଧ୍ୟମ୍ ଆର୍ ଜନସାଧାରଣ ଇ ନିୟମ୍ ମାନ୍‌ବାର୍ ଲାଗି ନିର୍ଦ୍ଦେଶ୍‌ନାମା ଜାରି ହେଇଛେ ।

ହାତୀ ଆକ୍ରମଣ୍ କ୍ଷୟକ୍ଷତି          ଆର୍‌ଏନ୍‌ୟୁ/ କଟକ୍

ହାତୀ ଆକ୍ରମଣ୍ ଲାଗି ହେଉଥିବା ଧନଜୀବନ୍ ନୁକ୍‌ସାନ୍‌କେ ରୁକ୍‌ବାର୍ ଲାଗି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ଖାସ୍ ପଦକ୍ଷେପ୍ ନିଆଯାଉଛେ । ଦଲ୍‌ନୁ ଅଲ୍‌ଗା ହେଇକରି ବୁଲୁଥିବା ଦନ୍ତାହାତୀ ଜନବସତି ମୁହାଁ ହେଇକରି ସମସ୍ୟା କରୁଛନ୍ । ଇତାକେ ନଜର୍‌ଥି ରଖିକରି ଦନ୍ତା ହାତୀକେ ଚିହ୍ନଟ୍ କର୍‌ବାର୍ ସାଙ୍ଗେ ସେମାନ୍‌କର୍ ମାନସିକ ଥିତିର ସୁଧାର୍

ଆନ୍‌ବାର୍ ଲାଗି ଯୋଜ୍‌ନା ତିଆର୍ କରାଯାଇଛେ । ଇଥିର୍‌ଲାଗି ପହେଲା ଖେପେ ୩ ଶହ ନୁ ଅଏତ୍‌କା ଦନ୍ତାହାତୀ ଭିତ୍‌ରୁ ୧୨ ଟାକେ ଚିହ୍ନଟ୍ କରାଯାଇଛେ ବଲି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ରାଉର୍‌କେଲା, ବାରିପଦା, ଭୁବ୍‌ନେଶ୍ୱର୍ ଆର୍ ଅନୁଗୁଲ୍ ବାଗିର୍ ୪ ଟା ସର୍କଲ୍‌ଥି ଇ ହାତୀମାନ୍‌କୁ ଚିହ୍ନଟ୍ କରାଯାଇଛେ । ସେମାନ୍‌କର୍ ନ ରେଡ଼ିଓ କଲାର୍ ଲଗେଇକରି ଅଭୟାରଣ୍ୟ ନ ଛଡ଼ାଯିବାର୍‌କେ ନିଷ୍ପତି ହେଇଛେ । ରେଡ଼ିଓ କଲାର୍ ଲଗାବାର୍‌ନୁ ହାତୀମାନ୍‌କର୍ ଗତିବିଧି ଉପ୍‌ରେ ନଜର୍ ରଖାଯାଇପାର୍‌ବା । ଇତାର୍ ଉତ୍‌ରୁ ସେମାନ୍‌କର୍ ବେଭାର୍‌ଥି ପରିବର୍ତନ୍ ଆସ୍‌ଲେ ହାତୀ ସୁଧାର୍ କେନ୍ଦ୍ର ନ ରଖାଯାଇକରି ତାର୍‌ଉତ୍‌ରୁ ପଦକ୍ଷେପ୍ ନିଆଯିବା ବଲି ଜଙ୍ଗଲ୍ ବିଭାଗ୍ କହିଛେ ।

## ଜାତୀୟ ଶିକ୍ଷକ ପୁରସ୍କାର୍-ଅନ୍‌ଲାଇନ୍ ଦର୍‌ଖାସ୍ତ

ପି.ଆଇ.ବି.

ଜାତୀୟ ଶିକ୍ଷକ ପୁରସ୍କାର୍ -୨୦୨୪ ଲାଗି ଅନ୍‌ଲାଇନ୍ ଦର୍‌ଖାସ୍ତ ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଗଲା ୨୭ ତାରିଖ୍‌ନୁ ମୁଲ୍ ହେଇଥିବା ଅନ୍‌ଲାଇନ୍ ଆବେଦନ୍ ଆଏବା ୧୫ ତାରିଖ୍‌ତକ୍ ଚାଲ୍‌ବା ବଲି ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ ସୂଚନା ମିଳିଛେ । ରାଜ୍ୟ ଆର୍ କେନ୍ଦ୍ର ସର୍‌କାର୍‌ଙ୍କର୍ ଅଧୀନ୍‌ଥି ଥିବା

ଭିନ୍ ଭିନ୍ ସ୍କୁଲ୍‌ମାନ୍‌କେ ପାଠ୍ ପଢ଼ଉଥିବା ଶିକ୍ଷକ୍ ଆଉ ପ୍ରଧାନ୍‌ଶିକ୍ଷକ୍‌ମାନେ ଇ ପୁରସ୍କାର୍ ପାଏବାର୍ ଲାଗି ନିଜେ ପଞ୍ଜିକରଣ୍ କରିପାର୍‌ବେ । ଇଥିର୍‌ଲାଗି ସେମାନେ ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ ଖୁଲାଯାଇଥିବା ପୋର୍ଟାଲ୍ http://national awards to teachers.education.gov.in ଥି ଆବେଦନ୍ କର୍‌ବେ । ୫୦ ଜନ୍ ଶିକ୍ଷକଙ୍କୁ ଇ ପୁରସ୍କାର୍ ଦିଆଯିବା । ଜିଲ୍ଲା, ରାଜ୍ୟ ଆର୍ ଜାତୀୟ ସ୍ତର୍‌ଥି ଇମାନ୍‌କୁ ବଛାଯିବା ବଲି ଜନାପଡ଼ିଛେ । ଆଏବା ସେପ୍ଟେମ୍ବର୍ ୫ ତାରିଖ୍ ଗୁରୁଦିବସ୍ ଦିନ ନୂଆଦିଲ୍ଲୀ ବିଜ୍ଞାନ୍ ଭବନ୍ ନ ହେବାର୍‌କେ ଥିବା ସ୍ୱତନ୍ତ୍ର ସମାରୋହଥି ରାଷ୍ଟ୍ରପତି ଇ ପୁରସ୍କାର୍ ଦେବେ ।

## ବନ୍ଦ ସ୍କୁଲ୍ ଉପରେ ସମୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଭିନ୍ ଭିନ୍ କାରଣ୍‌ନୁ କେତେ ସ୍କୁଲ୍‌କେ ବନ୍ଦ୍ କରାଯିବାର୍‌କେ ନିଆଯାଇଥିବାର୍ ନିଷ୍ପତିର୍ ଫେର୍‌ଘାଏ ସମୀକ୍ଷା କରାଯିବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ସେ କହିଛନ୍ ଯେ, ଆଘର୍ ସର୍‌କାର୍ ଅମଲ୍‌ଥି ଭିନ୍ ଭିନ୍ କାରଣ୍ ଦର୍ଶାଯାଇକରି ଇ ସ୍କୁଲ୍‌ମାନ୍‌କୁ ବନ୍ଦ୍ କରି ଦିଆଯାଇଥିଲା । ହେଲେ ଇଟାକେ ନେଇକରି ବିଭାଗୀୟ ସଚିବଙ୍କୁ କ୍ଷେତ୍ରସ୍ତରୀୟ ରିପୋର୍ଟ ଦାଖଲ୍ କର୍‌ବାର୍‌କେ

କୁହାଯାଇଛେ । ସ୍କୁଲ୍ ଖୁଲ୍‌ବାର୍‌କେ ନେଇକରି ଭିନ୍ ଭିନ୍ ବର୍ଗନୁ ଦାବି ଆସ୍‌ବାର୍ ଉତ୍‌ରୁ ଇ ପଦକ୍ଷେପ୍ ନିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

(ଭଏସ୍ ଓଭର୍- ନିତ୍ୟାନନ୍ଦ ଗଣ୍ଡ)

ଜୟନ୍ତୀ- କାଳିନ୍ଦୀ ଚରଣ୍ ପାଣିଗ୍ରାହୀ ଆର୍‌ଏନ୍‌ୟୁ/କଟକ୍

ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀ ଚରଣ୍ ପାଣିଗ୍ରାହୀଙ୍କର୍ ଶହେ ୨୩ ନମ୍ବର୍ ଜୟନ୍ତୀ ପାଲନ୍ ଅବ୍‌ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଶ୍ରଦ୍ଧାଞ୍ଜଳି ଦେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ପୋଷ୍ଟ କରିକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଓଡ଼ିଶାର୍ ବିଶିଷ୍ଟ ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର୍, ପଦ୍ମଭୂଷଣ୍ ଆଉ ସାହିତ୍ୟ ଏକାଡେମୀ ପୁରସ୍କାର୍ ପାଇଥିବା ଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ ।

ଆଦିତ୍ୟ ମହାପାତ୍ର-ବ୍ୟକ୍ତିଗତ ସଚିବ ହିନ୍ଦୁସ୍ଥାନ୍ ସମାଚାର୍

ବିରୋଧୀ ଦଲର୍ ନେତା ନବୀନ୍ ପଟ୍ଟନାୟକଙ୍କର୍ ବ୍ୟକ୍ତିଗତ ସଚିବ ଭାବେ ଓଏଏସ୍ ଅଧିକାରୀ ଆଦିତ୍ୟ ମହାପାତ୍ରଙ୍କୁ

ନିଯୁକ୍ତି ମିଲିଛେ । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଭତା ବୃଦ୍ଧି ସମୀକ୍ଷା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ବୟସ୍କ, ବିଧବା ଆର୍ ଦିବ୍ୟାଙ୍ଗ ଭତା ବଢ଼୍‌ବାର୍‌କେ ନେଇକରି ବିଚାର୍ ବିମର୍ଷ ଚାଲିଛେ ବଲି ସାମାଜିକ ସଶକ୍ତିକରଣ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ସେ କହିଛନ୍, ଅର୍ଥ ବିଭାଗ୍ ସାଙ୍ଗେ ଆଲୋଚନା ଉତ୍‌ରୁ ଇ ନିଷ୍ପତି ନିଆଯିବା । ଭତା ପରିମାଣ୍‌କେ ୩ ହଜାର୍ ଟଙ୍କାକେ ବଢ଼ାବାର୍‌କେ ବିଚାର୍ କରାଯାଉଥିବାର୍ ସେ ସୂଚ୍‌ନା ଦେଇଛନ୍ ।

ଜିଲ୍ଲା ରେଡ଼କ୍ରସ୍ ସୋସାଇଟି- ବାର୍ଷିକ ବୈଠକ

ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ରେଡ଼କ୍ରସ୍ ସୋସାଇଟିର ବାର୍ଷିକ ସାଧାରଣ ପରିଷଦର ବୈଠକ୍ ଜିଲ୍ଲା ପରିଷଦ୍ କାର୍ଯ୍ୟାଳୟ ସମ୍ବଲପୁରେ ଠାନେ ଆଏଜ୍ ହେଇଯାଇଛେ । ଇ ବୈଠକ୍‌ଥି ଗାଁ ଇଲାକା ନ ରକ୍ତଦାନ୍ ଶିବିର୍ ଆୟୋଜନ୍ କରୁଥିବା ଅନୁଷ୍ଠାନ୍‌ମାନ୍‌କୁ ପ୍ରୋତ୍ସାହିତ କର୍‌ବାର୍‌କେ ଆର୍ଥିକ୍ ସାହାଜ୍ ଦିଆଯିବା ବଲି

ନିଷ୍ପତି ନିଆଯାଇଛେ । ଇତାର୍‌ସହେତେ ରେଡ଼କ୍ରସ୍‌ର ଆଜୀବନ ସଭ୍ୟଙ୍କର୍ ସଂଖ୍ୟା ବଢ଼ାବାର୍ ଉପ୍‌ରେ ଧ୍ୟାନ୍ ଦିଆଯିବା ଆର୍ ଭିମ୍‌ସାର୍‌ଠାନେ ଥିବାର୍ ରେଡ଼କ୍ରସ୍ ରେଷ୍ଟ୍ ସେଡ୍‌ର ଥିତିକେ ନେଇକରି ଆଲୋଚନା କରାଯାଇଥିଲା । ଇ ବୈଠକ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଅଜାମ୍ବର୍ ମହାନ୍ତି ସହେତେ ଜିଲ୍ଲା ପ୍ରଶାସନ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

## ସ୍ୱାସ୍ଥ୍ୟ ସର୍ବେକ୍ଷଣ୍ ଅଭିଯାନ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ୍ ଅଭିଯାନ୍-୨୦୨୪ ସୁବର୍ଣ୍ଣପୁର୍ ଠାନେ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ୍ ଆଉ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଅନୁକୂଲ୍ୟଥି ଗୁଟେ କର୍ମଶାଲା ଆୟୋଜିତ୍ ହେଇଥିଲା ।

## ସିକିଲ୍ ସେଲ- ସଚେତନତା ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଆର୍ ଖଡ଼ିଆଲ୍ ମହିଳା ଡିଗ୍ରୀ କଲେଜ୍‌ର ମିଳିତ ଆନୁକୂଲ୍ୟଥି ସିକିଲ୍ ସେଲ୍ ରୋଗ ସଚେତନତା ଶିବିର ଆର୍ ସ୍ୱାସ୍ଥ୍ୟ ପରୀକ୍ଷା

ହେଇଯାଇଛେ । ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଡାକ୍ତର୍ ସୁଭ୍ରାଙ୍ଗିନୀ ରଥ ଆର୍ ବିଜୟ କିଶୋର୍ ଚଲାନ୍ ଯୋଗ୍ ଦେଇକରି ସିକିଲ୍‌ସେଲ୍ ରୋଗ୍‌ର ଲକ୍ଷଣ୍ ଆର୍ ତାର୍ ଚିକିତ୍ସା ବାବ୍‌ଦେ ଆଲୋଚନା କରିଥିଲେ ।

ଛତୁ ଖାଇ ଗୁରୁତର        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ କିରିକିଟା ଗାଁ ନ ବିଷାନ୍ ଛତୁ ଖାଇକରି ୧୦ ଝନ୍ ଗୁରୁତର୍ ହେଇଥିବାର୍ ଜନାପଡ଼ିଛେ । ଡେରିରାତି ନ ସେମାନ୍‌କୁ ଖଡ଼ିଆଲ୍ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ନ ଚିକିତ୍ସା ଲାଗି ଭର୍ତି କରାଯାଇଥିଲା । ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର୍ ହେବାର୍‌ନୁ ୩ ଝନ୍‌କୁ ବୁର୍ଲା ମୁଖ୍ୟ ହାସ୍‌ପାତାଲ୍‌କେ ନିଆଯାଇଛେ ।

ବୌଦ୍ଧ-ଯୁବ ଉତ୍ସବ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ସହର୍‌ର ଶ୍ରୀ ସତ୍ୟସାଇ ସେବା ସଂଗଠନ୍ ତର୍‌ଫୁ ଏକଦିବସୀୟ ଯୁବ ଉତ୍ସବ୍ ପାଲନ୍ ହେଇଛେ । ଇ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ଭିନ୍ ଭିନ୍ ଇଲାକାନୁ ଦେଢ଼ ଶହ ନୁ ଅଏତ୍‌କା ଯୁଆନ୍ ପିଲା ଟୁକେଲ୍ ଯୋଗ୍ ଦେଇଥିଲେ । ଭାରତୀୟ ସଂସ୍କୃତି ଆର୍ ଆଧ୍ୟାତ୍ମିକତାକେ ନେଇକରି କେନ୍ତା

ମାନବୀୟ ମୂଲ୍ୟବୋଧଭିତିକ ବ୍ୟକ୍ତିତ୍ୱ ଗଠନ୍ କରାଯାଇପାର୍‌ବା ସେ ବାବ୍‌ଦେ ଅତିଥିମାନେ ଆଲୋଚନା କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଆଏବା ୨୪ ଘଂଟା ଭିତ୍‌ରେ ଭିନ୍ ଭିନ୍ ଇଲାକା ନ ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଭୁବ୍‌ନେଶ୍ୱର୍ ତର୍‌ଫୁ ସୂଚ୍‌ନା ମିଲିଛେ । ସେଆଡ୍ରେ ଗଲା ୨୪ ଘଂଟା ଭିତ୍‌ରେ ଦାରିଙ୍ଗ୍‌ବାଡ଼ି ନ ସବୁନୁ ଅଏତ୍‌କା ୬୪ ମିଲିମିଟର୍ ବର୍ଷା ରେକର୍ଡ୍ କରାଯାଇଛେ ।